# ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୧୨-୨୦୧୩

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସୁରକ୍ଷା ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ। ଆସନ୍ତା ୫ ଜୁନ୍, ୨୦୧୩ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଗୋଟିଏ ଗ୍ରାମ / ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ଏକ ମାନପତ୍ର ସହ ଟ.୧୦,୦୦୦/- (ଦଶ ହଜାର ଟଙ୍କା) "ପ୍ରକୃତି ମିତ୍ର" ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ଏକ ମାନପତ୍ର ସହ ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା) "ପ୍ରକୃତି ବନ୍ଧୁ" ପୁରସ୍କାର ପ୍ରଦାନ କରାଯିବ। ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Center for Environmental Studiesର Website www.cesorissa.orgରୁ ବା ସମ୍ପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତା୩୧.୧୨.୧୨ରିଖରୁ ତା୩୧.୦୧.୧୩ରିଖ ମଧ୍ୟରେ ମିଳିପାରିବ। ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡ଼ିକ ଆନୁଷଙ୍ଗିକ ପ୍ରମାଣପତ୍ର ସହ ତା୩୧.୦୧.୧୩ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ।

**ପ୍ରମୁଖ ଶାସନ ସଚିବ**
**ଜଙ୍ଗଲ ଓ ପରିବେଶ ବିଭାଗ**

S/8559
08001/13/0001/1213 183-DSPL

ସମାଜ ୨୪।୧୨।୨୦୧୨